# NATIONAL NEWS BULLETIN (ODIA)

## 17 March - 2025

## Evening Bulletin : 7.15 P.M.

*******************************

## ମୁଖ୍ୟ ସମ୍ବାଦ

- ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଘନିଷ୍ଠ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସୁଦୃଢ଼ ରହିଛି ବୋଲି କହିଲେ ରାଷ୍ଟ୍ରପତି
- ପ୍ରଧାନମନ୍ତ୍ରୀ କହିଛନ୍ତି, ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଆଲୋଚନା ହେବ
- ୨୦୨୫-୨୬ ବର୍ଷ ପାଇଁ ରେଳମନ୍ତ୍ରଣାଳୟର ଅନୁଦାନ ଦାବି ଲୋକସଭାରେ ଆଗତ
- ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ

ଏବଂ

- କବାଡ଼ି ବିଶ୍ୱକପ୍-୨୦୨୫ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଇଟାଲୀକୁ ପରାସ୍ତ କଲା ଭାରତ

# ରାଷ୍ଟ୍ରପତି- ନ୍ୟୁଜିଲାଣ୍ଡ ପିଏମ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଗଣତନ୍ତ୍ର, ସୁଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଘନିଷ୍ଠ ତଥା ବନ୍ଧୁତ୍ୱପୂର୍ଣ୍ଣ ଓ ସୁଦୃଢ଼ ସମ୍ପର୍କ ରହିଆସିଛି। ରାଷ୍ଟ୍ରପତି ଭବନରେ ଆଜି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନ୍ ଏବଂ ତାଙ୍କ ପ୍ରତିନିଧିମଣ୍ଡଳୀକୁ ସ୍ୱାଗତ କରି ରାଷ୍ଟ୍ରପତି କହିଛନ୍ତି, ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଶିକ୍ଷାଗତ ବିନିମୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଆନୁଷ୍ଠାନିକ ଆଦାନ ପ୍ରଦାନ ମାଧ୍ୟମରେ ଦୁଇଦେଶ ମଧ୍ୟରେ ଶିକ୍ଷାଗତ ସହଯୋଗ ବୃଦ୍ଧି ଏବଂ ଭାରତରେ ନ୍ୟୁଜିଲାଣ୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା କ୍ୟାମ୍ପସ ପ୍ରତିଷ୍ଠା ଆଦି ଉପରେ ରାଷ୍ଟ୍ରପତି ଆଲୋକପାତ କରିଛନ୍ତି। ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ଅର୍ଥନୈତିକ ସମ୍ପର୍କର ଅଭିବୃଦ୍ଧି ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। ନ୍ୟୁଜିଲାଣ୍ଡ ବିକାଶରେ ଭାରତୀୟ ସମ୍ପ୍ରଦାୟଙ୍କ ଅବଦାନକୁ ରାଷ୍ଟ୍ରପତି ଉଚ୍ଚପ୍ରଶଂସା କରିଥିଲେ। ଗତବର୍ଷ ଅଗଷ୍ଟ ମାସରେ ତାଙ୍କ ନ୍ୟୁଜିଲାଣ୍ଡ ଗସ୍ତର ସ୍ମୃତିକୁ ମନେ ପକାଇ ରାଷ୍ଟ୍ରପତି କହିଛନ୍ତି, ନ୍ୟୁଜିଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସେଠାକାର ଲୋକଙ୍କ ସାଂସ୍କୃତିକ ବିବିଧତା ତାଙ୍କ ମନରେ ଅବିସ୍ମରଣୀୟ ଛାପ ଛାଡ଼ିପାରିଛି।

# ନ୍ୟୁଜିଲାଣ୍ଡ ପିଏମ୍ ଭିଜିଟ୍

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରତିରକ୍ଷା, ଶିକ୍ଷା, କ୍ରୀଡ଼ା, ଉଦ୍ୟାନ କୃଷି ଏବଂ ଜଙ୍ଗଲ ଆଦି କ୍ଷେତ୍ରରେ ପାଞ୍ଚଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଉଭୟ ପକ୍ଷ ମଧ୍ୟରେ ଅର୍ଥନୀତି କ୍ଷେତ୍ରର ପାରସ୍ପରିକ ସ୍ୱୀକୃତି ନେଇ ଏକ ରାଜିନାମା ହୋଇଛି । ଉଭୟ ଦେଶ ଏକ ମୁକ୍ତ ବାଣିଜ୍ୟ ରାଜିନାମା ଉପରେ ଆଲୋଚନା ଆରମ୍ଭ କରିବାର ଘୋଷଣା କରିଛନ୍ତି । ନ୍ୟୁଜିଲାଣ୍ଡ' ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ କାର୍ଯ୍ୟକ୍ରମରେ ଯୋଗଦେବା ସହ  ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ମେଣ୍ଟର ସଦସ୍ୟ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଖ୍ରୀଷ୍ଟୋଫର ଲକସନ୍‌ଙ୍କ ସହ ନୂଆଦିଲ୍ଲୀରେ କଥାବାର୍ତ୍ତା କରିଛନ୍ତି । ଭାରତ ଓ ନ୍ୟୁଜିଲାଣ୍ଡ ସମ୍ପର୍କର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନାରେ ସ୍ଥାନ ପାଇଥିଲା । ପ୍ରେସ୍ ବିବୃତିରେ ଶ୍ରୀ ମୋଦୀ କହିଛନ୍ତି, ଉଭୟ ପକ୍ଷ ପ୍ରତିରକ୍ଷା ଓ ନିରାପତ୍ତା ଭାଗିଦାରୀକୁ ସଶକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛି । ସେ କହିଛନ୍ତି, ମିଳିତ ସମରାଭ୍ୟାସ, ପ୍ରଶିକ୍ଷଣ ଏବଂ ବନ୍ଦର ପରିଦର୍ଶନ ସହ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରର ପାରସ୍ପରିକ ସହଭାଗିତାର ପ୍ରସ୍ତୁତି ନେଇ ରୂପରେଖ ପ୍ରସ୍ତୁତ କରାଯିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ଦେଶ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ

ଆଲୋଚନା ହେବ। ଏହା ପାରସ୍ପରିକ ବାଣିଜ୍ୟ ଓ ପୁଞ୍ଜିନିବେଶ କ୍ଷେତ୍ରକୁ ସଶକ୍ତ କରିବ। କ୍ରୀଡ଼ା କ୍ଷେତ୍ରରେ ପ୍ରଶିକ୍ଷଣ ଏବଂ ଖେଳାଳି ଅଦଳବଦଳ, କ୍ରୀଡ଼ା ବିଜ୍ଞାନ, ମନସ୍ତତ୍ତ୍ୱ ଏବଂ ଔଷଧ କ୍ଷେତ୍ରରେ ସହଭାଗିତା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O-**

ଆସନ୍ତା ବର୍ଷ ଉଭୟ ଦେଶ ମଧ୍ୟରେ କ୍ରୀଡ଼ା ସମ୍ପର୍କର ଶତବାର୍ଷିକୀ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ନ୍ୟୁଜିଲାଣ୍ଡରେ କିଛି ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସେଠାରେ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ନେଇ ନ୍ୟୁଜିଲାଣ୍ଡକୁ ଅବଗତ କରାଯାଇଛି। ନ୍ୟୁଜିଲାଣ୍ଡ ସରକାର ସେହି ଅସାମାଜିକ ତତ୍ତ୍ୱଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଭାରତ ଆଶା ରଖିଛି। ଶ୍ରୀ ମୋଦୀ କହିଛନ୍ତି, ଭାରତ ଏବଂ ନ୍ୟୁଜିଲାଣ୍ଡ ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ଏବଂ ମୌଳବାଦୀ ତତ୍ତ୍ୱଗୁଡ଼ିକ ବିରୁଦ୍ଧରେ ସହଭାଗିତା ଭିତ୍ତିରେ କାର୍ଯ୍ୟ କରିବେ। ସେ କହିଛନ୍ତି, ଉଭୟ ପକ୍ଷ ଏକ ମୁକ୍ତ, ଅବାଧ, ନିରାପଦ ଏବଂ ସମୃଦ୍ଧ ଭାରତ ପ୍ରଶାନ୍ତ ମହାସାଗରୀ ସେ ଅଞ୍ଚଳକୁ ସମର୍ଥନ କରନ୍ତି ଏବଂ ବିସ୍ତାରବାଦୀ ଚିନ୍ତାଧାରା ଛାଡ଼ି ବିକାଶର  ଯୋଜନା ଉପରେ ବିଶ୍ୱାସ କରନ୍ତି। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଶ୍ରୀ ଲକ୍ସନ୍ ତାଙ୍କ ବିବୃତିରେ କହିଛନ୍ତି, ଭାରତରେ ନ୍ୟୁଜିଲାଣ୍ଡ ତା'ର କୂଟନୈତିକ ଉପସ୍ଥିତିକୁ ବୃଦ୍ଧି କରିବ। ଶ୍ରୀ

ଲକ୍ସନ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଥିଲେ ।

ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ପାଞ୍ଚଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଁଞ୍ଚିଥିଲେ । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି । ଆସନ୍ତା ବୁଧବାର ଦିନ ଶ୍ରୀ ଲକ୍ସନ ମୁମ୍ବାଇ ଗସ୍ତରେ ଯିବେ ।

## ଏଲ୍ଏସ୍-ରେଲୱେ

ରେଳ ମନ୍ତ୍ରଣାଳୟର ୨୦୨୫-୨୬ ବର୍ଷ ପାଇଁ ଅନୁଦାନ ଦାବି ଲୋକସଭାରେ ଆଗତ ହୋଇଛି । ଆଲୋଚନାରେ ଭାଗ ନେଇ କଂଗ୍ରେସର ବର୍ଷା ଗାଏକ୍ୱାଡ଼ କେନ୍ଦ୍ର ବଜେଟ୍‌କୁ ସମାଲୋଚନା କରିଥିଲେ । ବିଜେପିର ଜନନାର୍ଦ୍ଦନ ସିଂ ସିଗ୍ରିଓ୍ୱାଲ କହିଛନ୍ତି, କେନ୍ଦ୍ର ବଜେଟ୍‌ରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ ତଥା ଆଧୁନିକୀକରଣ କରିବା ନେଇ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ସେ କହିଛନ୍ତି, ସରକାର ଦେଶରେ ୧୦୦ଟି ନୂଆ ଅମୃତ ଭାରତ ଟ୍ରେନ୍, ୫୦ଟି ନମୋ ଭାରତ ଟ୍ରେନ୍ ଏବଂ ୨୦୦ଟି ବନ୍ଦେ ଭାରତ ଟ୍ରେନ୍ ଚଳାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଗୃହରେ ଏ ସଂକ୍ରାନ୍ତରେ ଆଲୋଚନା ଜାରି ରହିଥିଲା ।

## ରାଜନାଥ-ୟୁଏସ୍ ତୁଳସୀ ଗାବାର୍ଡ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗାବାର୍ଡଙ୍କ ସହ ନୂଆଦିଲ୍ଲୀରେ ଏକ ବୈଠକରେ ସାକ୍ଷାତ ଆଲୋଚନା କରିଛନ୍ତି। ଦୁଇ ଦେଶ ମଧ୍ୟରେ ରଣନୈତିକ ନିରାପତ୍ତା ଏକ ପ୍ରମୁଖ ସ୍ତମ୍ଭ ବୋଲି ଉଭୟ ନେତା ମତପ୍ରକାଶ କରିଥିଲେ। ଶ୍ରୀ ସିଂ ଏବଂ ଶ୍ରୀମତୀ ଗାବାର୍ଡ ସାମରିକ ସମରାଭ୍ୟାସ, ରଣନୈତିକ ସହଭାଗିତା ଏବଂ ବିଶେଷ ଭାବେ ସାମୁଦ୍ରିକ କ୍ଷେତ୍ରରେ ସୂଚନା ଆଦାନ ପ୍ରଦାନ ନେଇ ସହଭାଗିତାର ସମୀକ୍ଷା କରିଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ପ୍ରତିରକ୍ଷା କ୍ଷେତ୍ରରେ ନବସୃଜନ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଉଭୟ ନେତା ସ୍ଥିରତା ଏବଂ ଅଭିନବତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରତିରକ୍ଷା ଶିଳ୍ପ ଯୋଗାଣ ଶୃଙ୍ଖଳ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଭାରତ ଏବଂ ଆମେରିକା ଦ୍ୱିପାକ୍ଷିକ ପ୍ରତିରକ୍ଷା ଭାଗିଦାରୀକୁ ନେଇ ଉଭୟ ନେତା ଆଲୋଚନା କରିଥିବା ଆମର ସମ୍ବାଦଦାତା ସୂଚନା ଦେଇଛନ୍ତି।

## ପିଏମ୍-ଦେବେନ୍ଦ୍ର ପ୍ରଧାନ

ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କର ଆଜି ନୂଆଦିଲ୍ଲୀରେ ୮୪ ବର୍ଷ ବୟସରେ ପରଲୋକ

ହୋଇଛି। ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ ସେ କେନ୍ଦ୍ର ପରିବହନ ରାଷ୍ଟ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଆଜୀବନ ସଦସ୍ୟ ଡକ୍ଟର ପ୍ରଧାନ ୧୯୮୦ ମସିହାରେ ବିଜେପିରେ ଯୋଗଦାନ କରିବା ସହ ଓଡ଼ିଶାର ଦେଓଗଡ଼ ସଂସଦୀୟ କ୍ଷେତ୍ରକୁ ଦୁଇଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାପା ଡକ୍ଟର ଦେବେନ୍ଦ୍ର ପ୍ରଧାନ ମଧ୍ୟ ୨୦୦୧ ମସିହାରେ ବିଜେପିର ଜାତୀୟ ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର ପ୍ରଧାନଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଛନ୍ତି, ସାମାଜିକ ସଶକ୍ତୀକରଣ ତଥା ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ସାଂସଦ ତଥା ମନ୍ତ୍ରୀଙ୍କର ଅବଦାନ ଉଲ୍ଲେଖନୀୟ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ' ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସରକାରୀ ବାସଭବନକୁ ଯାଇ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ଶେଷ ଦର୍ଶନ କରିଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଡକ୍ଟର ପ୍ରଧାନଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଆର୍‌ଏସ୍- ମିନିଷ୍ଟର ଆସ୍ୟୁରାନ୍ସ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଉଭୟ ଗୃହରେ ମନ୍ତ୍ରୀମାନେ ଦେଉଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ନେଇ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ

ରିଜିଜୁ କହିଛନ୍ତି, ଅନଲାଇନ୍ ଆସ୍ୱାରାନ୍ସ ମନିଟରିଂ ବ୍ୟବସ୍ଥା ଏହି ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସହାୟକ ହେଉଛି । ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଉଥିବା ପ୍ରତିଶ୍ରୁତିଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା କାର୍ଯ୍ୟକାରୀ କରିବା ନେଇ ଶ୍ରୀ ରିଜିଜୁ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କୁ ଚିଠି ଲେଖିଥିବା ନେଇ ଗୃହରେ ସୂଚନା ଦେଇଛନ୍ତି । ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ.ମୁରୁଗାନ୍ କହିଛନ୍ତି, ଉଭୟ ସଦନରେ ମନ୍ତ୍ରୀମାନେ ଦେଇଥିବା ପ୍ରତିଶ୍ରୁତିର ୯୯ ପ୍ରତିଶତ କାର୍ଯ୍ୟକାରୀ ହୋଇଛି । ମନ୍ତ୍ରୀମାନଙ୍କ ଦ୍ୱାରା ସଂସଦରେ ଦିଆଯାଉଥିବା ପ୍ରତିଶ୍ରୁତିଗୁଡ଼ିକୁ ଶୃଙ୍ଖଳିତ ଭାବରେ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଅନଲାଇନ୍ ଆସ୍ୟୁରାନ୍ସ ମନିଟରିଂ ବ୍ୟବସ୍ଥା ପ୍ରଚଳନ କରାଯାଇଛି ବୋଲି ମନ୍ତ୍ରୀ ଡକ୍ଟର ମୁରୁଗାନ କହିଛନ୍ତି ।

## ଆର୍‌ଏସ୍ ପାଓ୍ୱାର

ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ କହିଛନ୍ତି, ଦେଶରେ ଶକ୍ତି ସମସ୍ୟାର ସମାଧାନ ପାଇଁ ୨୦୧୪ ପରଠାରୁ ସରକାର ୨୩୪ ଗିଗାଓ୍ୱାଟ୍ କ୍ଷମତା ସମ୍ପନ୍ନ ଶକ୍ତି ଉତ୍ପାଦନ କରିବାର ସମର୍ଥ ହୋଇପାରିଛନ୍ତି । ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ନାୟକ କହିଛନ୍ତି । ସରକାର ଦେଶକୁ ନିଅଣ୍ଟିଆ ଶକ୍ତିକ୍ଷେତ୍ରରୁ ପର୍ଯ୍ୟାପ୍ତ ଶକ୍ତି କ୍ଷେତ୍ର ବିଶିଷ୍ଟ ରାଷ୍ଟ୍ରରେ ପରିଣତ କରିଛନ୍ତି । ସେ କହିଛନ୍ତି, ଜାତୀୟ ଗ୍ରୀଡ୍ ମାଧ୍ୟମରେ ବଳକା ବିଦ୍ୟୁତ୍ ନିଅଣ୍ଟିଆ ଅଞ୍ଚଳକୁ ଯୋଗାଇ ଦିଆଯାଉଛି । ଶ୍ରୀ ନାୟକ କହିଛନ୍ତି, ସରକାର ୨୦୩୧-୩୨ ମସିହା ସୁଦ୍ଧା ଅତିରିକ୍ତ ସର୍ବନିମ୍ନ ୮୦ ହଜାର

ମେଗାୱାଟ୍ କୋଇଲା ଭିତ୍ତିକ ଶକ୍ତିକେନ୍ଦ୍ର ସ୍ଥାପନ କରିବାର ପ୍ରସ୍ତାବ ରଖିଛନ୍ତି ।

## ଜେକେ-ଏନ୍‌କାଉଣ୍ଟର

ଜାମ୍ମୁ-କାଶ୍ମୀରରେ ନିରାପତ୍ତାରକ୍ଷୀ ଯବାନ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ଜଣେ ଆତଙ୍କବାଦୀର ମୃତ୍ୟୁ ହୋଇଛି । ଏହି ଏନ୍‌କାଉଣ୍ଟର ଉତ୍ତର-କାଶ୍ମୀରର କୁପୱାଡ଼ା ଜିଲ୍ଲାରେ ଆଜି ପ୍ରତ୍ୟୁଷରେ ହୋଇଥିଲା । ପ୍ରତିରକ୍ଷା ମୁଖପାତ୍ରଙ୍କ ସୂଚନା ଅନୁସାରେ, ସେଠାରେ ଲୁଚି ରହିଥିବା ଆତଙ୍କବାଦୀମାନେ ନିରାପତ୍ତାରକ୍ଷୀ ଯବାନମାନଙ୍କ ଉପରକୁ ପ୍ରଥମେ ଗୁଳିଚାଳନା କରିଥିଲେ । ପାଲଟା ଗୁଳିଚାଳନରେ ଜଣେ ଆତଙ୍କବାଦୀର ମୃତ୍ୟୁ ହୋଇଥିଲା । ଏହି ଆତଙ୍କବାଦୀର ପରିଚୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଘଟଣାସ୍ଥଳରୁ ଗୋଟିଏ ଏକେ-୪୭ ରାଇଫଲ ଜବତ ହୋଇଛି । ପୂର୍ବରୁ ନିରାପତ୍ତାରକ୍ଷୀ ଯବାନମାନେ କୁପୱାଡ଼ା ଜିଲ୍ଲାର କୃମୋହରା, ଜଚାଲଦାରା, ରଜୱାଡ଼ ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚି ରହିଥିବାର ସୂଚନା ପାଇ ତଲାସୀ ଅଭିଯାନ ଆରମ୍ଭ କରିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜନ୍ମଗତ ତ୍ରୁଟି ଏବଂ ତତ୍‌ସଂକ୍ରାନ୍ତ ସମସ୍ୟା** ଶୀର୍ଷକ ଆଲୋଚନା ପ୍ରଚାରଣ କରାଯିବ । ଏମ୍‌ସ ନୂଆଦିଲ୍ଲୀର ଶିଶୁ ଅସ୍ତ୍ରୋପଚାର ବିଭାଗର ପ୍ରଫେସର ଡାକ୍ତର ପ୍ରବୁଧ ଗୋୟଲ ଏବଂ ନୂଆଦିଲ୍ଲୀସ୍ଥିତ ସ୍ୱାମୀ

ଦୟାନନ୍ଦ ହସ୍ପିଟାଲ୍ ଶିଶୁବିଭାଗ ମୁଖ୍ୟ ଡାକ୍ତର ସୁରେନ୍ଦ୍ର ସିଂହ ବିଷ୍ଟ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## କବାଡ଼ି ବିଶ୍ୱକପ୍

କବାଡ଼ି ବିଶ୍ୱକପ୍-୨୦୨୫ ପ୍ରତିଯୋଗିତା ଆଜିଠାରୁ ଇଂଲଣ୍ଡରେ ଆରମ୍ଭ ହୋଇଛି। ଓ୍ୱଲଭରହାମ୍ପଟନ୍‌ଠାରେ ପୁରୁଷ ବର୍ଗରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ' ଇଟାଲୀକୁ ୬୪-୨୨ ପଏଣ୍ଟରେ ପରାସ୍ତ କରିଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଂଲଣ୍ଡ' ହଙ୍ଗେରୀକୁ ୧୦୧-୨୫ ପଏଣ୍ଟରେ ପରାସ୍ତ କରିଛି। ଏହି ପ୍ରତିଯୋଗିତା ୭ଦିନ ଧରି ଚାଲିବ। ପୁରୁଷ ବର୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୦ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-ବି'ରେ ଭାରତ ସହ ଇଟାଲୀ, ସ୍କଟଲାଣ୍ଡ, ଓ୍ୱେଲ୍ସ ଏବଂ ଚୀନ୍ ସ୍ଥାନିତ ହୋଇଛନ୍ତି। ମହିଳା ବର୍ଗରେ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ବିଶ୍ୱ କବାଡ଼ି ପ୍ରତିଯୋଗିତାର ଏହା ହେଉଛି ଦ୍ୱିତୀୟ ସଂସ୍କରଣ। ୨୦୧୯ରେ ମାଲେସିଆରେ ଆୟୋଜିତ ପ୍ରଥମ

ସଂସ୍କରଣରେ ଭାରତ ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଟାଇଟଲ ହାସଲ କରିଥିଲା ।